# Akashvani, Sambalpur

## SAMBALPURI NEWS BULLETIN

### 26 March 2025- 6.47- 6.52 am.

*********************************************

ଓଡ଼ିଶା ହାଇକୋର୍ଟ-ମୁଖ୍ୟ ବିଚାର୍‌ପତି    ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟର ନୂଆଁ ମୁଖ୍ୟ ବିଚାର୍‌ପତି ଭାବେ ଜଷ୍ଟିସ୍ ହରିଶ ଟଣ୍ଡନ୍ ଆଏଜ୍ ଶପଥ୍ ନେବେ । ସଖାଲର୍ ୧୦ ବଜେ ହାଇକୋର୍ଟ ପରିସର ନ ହେବାର୍‌କେ ଥିବାର୍ ଶପଥ୍ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି -ଜଷ୍ଟିସ୍ ଟଣ୍ଡନ୍‌ଙ୍କୁ ଶପଥ୍ ପାଠ୍ କରାବେ । ଇନ ଜନେଇ ଦିଆଯାଇପାରେ ଯେ, ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କୁ ଓଡ଼ିଶା ହାଇକୋର୍ଟର ବିଚାର୍‌ପତି ଭାବେ ନିଯୁକ୍ତି ଦେବାର୍‌କେ ସୁପ୍ରିମ୍‌କୋର୍ଟ କୋଲିଜିୟମ୍‌ର ସୁପାରିଶ୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ଗଲା ୨୧ ତାରିଖ୍ ସ୍ୱୀକୃତି ଦେଇଥିଲେ ।

ବିକଶିତ୍ ଭାରତ୍ ଯୁବ ସଂସଦ୍ କାର୍ଯ୍ୟକ୍ରମ      I&PR

ଯୁଆନ୍ ପିଢ଼ି ହଉଛନ୍ ଭବିଷ୍ୟତ୍ ଆଉ ବର୍‌କସ୍ ସମାଜ୍ ନିର୍ମାଣର ଆଧାର । ବିକଶିତ୍ ଓଡ଼ିଶା ୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ପୂରଣ କର୍‌ବାର ଲାଗି ଯୁଆନ୍ ପିଢ଼ିର୍ ବଡ଼୍ ଭୂମିକା ରହିଛେ ବଲି ବିଧାନସଭା ସମ୍ମିଳନୀ କକ୍ଷନ ରାଜ୍ୟସ୍ତରୀୟ ବିକଶିତ୍ ଭାରତ୍ ଯୁବ ସଂସଦ୍ କାର୍ଯ୍ୟକ୍ରମକେ ଉଦ୍‌ଘାଟନ୍ କରି କରି ବାଚସ୍ପତି ସୁରମା ପାଢ଼ୀ କହିଛନ୍ । ଦୁଇଦିନିଆ କାର୍ଯ୍ୟକ୍ରମ୍‌ଥି ସାରା ରାଏଜୁ ୧୪୦ ଝନ୍ ପ୍ରତିଯୋଗୀ ଯୋଗ୍ ଦେଇକରି ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେବେ । ଇଥିର୍ କୃତୀ ପ୍ରତିଯୋଗୀମାନେ ଜାତୀୟ ସ୍ତର୍‌ଥି ଭାଗ୍ ନେବେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ବୈଠକ୍ I&PR

ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍. ସନ୍ଥ ଗୋପାଲ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ସଦସ୍ୟମାନ୍‌କର୍ ସଙ୍ଗେ ବୈଠକ୍ କରିଛନ୍ । ଫଟିକ୍ ନିର୍ବାଚନ୍ ପ୍ରକ୍ରିୟା ଲାଗି ଭୋଟର୍ ତାଲିକା ପ୍ରସ୍ତୁତ୍ ଆର୍ ସଂଶୋଧନ୍‌ଥି ସ୍ୱଚ୍ଛତା ଆନ୍‌ବାର୍, ବ୍ଲକ୍‌ସ୍ତର୍‌ଥି ଏଜେଂଟ୍ ନିଯୁକ୍ତି ଆର୍ ସେମାନ୍‌କର୍ ଭୂମିକା, ନିର୍ବାଚନ୍ ଖର୍ଚ୍ଚ ତଦାରଖ୍, ରାଜନୈତିକ୍ ବିଜ୍ଞାପନ ପୂର୍ବ ପ୍ରମାଣ ବାଗିର୍ ବହୁତ୍‌ଟେ ବିଷେଥି ନେତାମାନେ

ନିର୍ବାଚନ୍ ଅଧିକାରୀଙ୍କୁ ବୈଠକ୍‌ଥି ବହୁମୂଲ୍ୟ ପରାମର୍ଶ ଦେଇଛନ୍ ।

ଜଲ୍‌ସମ୍ପଦ୍ ବିଭାଗ୍ ସମୀକ୍ଷା          I&PR

ଜଲ୍‌ସମ୍ପଦ୍ ବିଭାଗ୍‌ର ନିର୍ମାଣାଧୀନ୍ ପ୍ରକଳ୍ପ କାମ୍ ସବୁକେ ତୁର୍‌ତି କର୍‌ବାର୍ ଆର୍ ଧାରିଜ୍ ଲକ୍ଷ୍ୟ ଅନ୍‌ସାରେ କାମ୍ କରିକରି ଖର୍ଚ୍ଚା ବିନିଯୋଗ୍ କର୍‌ବାର୍‌କେ ନେଇକରି ଉନ୍ନୟନ୍ କମିଶନର୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଭାଗ୍ ନ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଜଲ୍‌ସେଚନ୍ ପ୍ରକଳ୍ପ, ଉଠା ଜଲ୍‌ସେଚନ୍ ପ୍ରକଳ୍ପ, ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ଜଲ୍‌ଭଣ୍ଡାର୍ ରକ୍ଷଣାବେକ୍ଷଣ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା ।

ସିପାହୀ, କନ୍‌ଷ୍ଟେବଲ୍ ନିଯୁକ୍ତି          ଆର୍‌ଏନ୍‌ୟୁ/ ସମ୍ବଲପୁର

ସିପାହୀ, କନ୍‌ଷ୍ଟେବଲ୍ ନିଯୁକ୍ତି ଲାଗି ବୟସ୍ ସୀମାକେ ୩ ବଛର୍ ବଢ଼ାଯିବା ବଲି ରାଜ୍ୟ ସରକାର ହାଇକୋର୍ଟ ନ ପ୍ରତିଶ୍ରୁତି ଦେଇଛନ୍ । ଇ ବାବଦ୍ ହାଇକୋର୍ଟ ନ ହେଇଥିବା ମାମ୍‌ଲାର୍

ଶୁଣାଣି ବେଲ୍‌କେ ରାଜ୍ୟ ସରକାର ଇ ପ୍ରତିଶ୍ରୁତି ଦେଇଥିବାର୍ ଜନାପଡ଼ିଛେ ।

ଭାରତୀୟ ଗୟଳ ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ହୀରାକୁଦ୍ ବନ୍ୟପ୍ରାଣୀ ବିଭାଗ୍ ତର୍‌ଫୁ ଡେବ୍ରିଗଡ଼୍ ଅଭୟାରଣ୍ୟ ନ ପହେଲାଥର୍ ଲାଗି ଭାରତୀୟ ଗୟଳ ଉତ୍ସବ ଆୟୋଜିତ୍ ହେଇଛେ । ଅଭୟାରଣ୍ୟ ନ ଅଏତ୍‌କା ସଂଖ୍ୟାଥି ଗୟଳ ରହିଛନ୍ ଆଉ ସେମାନ୍‌କର୍ ସଂଖ୍ୟାକେ ବଢ଼ାବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ବନ୍ୟପ୍ରାଣୀ ବିଭାଗ୍ ତର୍‌ଫୁ କୁହାଯାଇଛେ । ଡେବ୍ରିଗଡ଼୍‌କେ ଲାଗିଥିବା ୬୮ ଟା ଗାଁ ନ ଫି' ଦିନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ । ଜଙ୍ଗଲ୍ ନ ନିଆଁକେ ରୁକ୍‌ବାର୍ ଲାଗି ଭିଲ୍ ସ୍କ୍ୱାର୍ଡ଼ ଜୁଗିଥିବାର୍ କଥା ଡିଏଫ୍‌ଓ ସୂଚ୍‌ନା ଦେଇଛନ୍ ।

ବର୍‌ଗଡ଼୍- ରଥକାଠ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ରଥଯାତ୍ରା ଲାଗି ପୁରୀ ଶ୍ରୀକ୍ଷେତ୍ରକେ ଇଥର ବର୍‌ଗଡ୍ ଜିଲ୍ଲାନୁ ଭିଲ୍ ରଥକାଠ ଯିବା । ଇଥିର୍‌ଲାଗି ଶ୍ରୀମନ୍ଦିର୍‌ର ସେବାୟତ୍‌ମାନ୍‌କର୍ ୪ ଝନିଆ ଦଲ୍ ବର୍‌ଗଡ଼୍ ପୁହୁଁଚିକରି

ବନଅଧିକାରୀମାନ୍‌କର୍ ସହେତେ ପଦମ୍‌ପୁର୍ ରେଞ୍ଜ୍‌ର ଭିନ୍ ଭିନ୍ ଜଙ୍ଗଲ୍ ବୁଲିକରି ଗଛ୍ ଦେଖିଛନ୍ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆୟୁଷ୍ମାନ୍ ଭାରତ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଲାଗୁ କର୍‌ବାର୍‌କେ ନେଇକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଏପ୍ରିଲ୍ ମାସେ ଜିଲ୍ଲାର୍ ସବୁ ୪୬ ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ କେନ୍ତାକରି ଇ ଯୋଜ୍‌ନା ଲାଗୁ କରାଯାଇପାର୍‌ବା ସେ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା ।

ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଧନୁପାଲି ଶ୍ରୀଗଣେଶ୍ ଉଚ୍ଚବିଦ୍ୟାଲୟ ନ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଲା ହେଇଯାଇଛେ । ପ୍ରଧାନ୍ ଶିକ୍ଷୟିତ୍ରୀଙ୍କର୍ ସଭାପତିତ୍ୱଥି ହେଇଥିବା କର୍ମଶାଳାଥି ବହୁବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇକରି ଶିଶୁ ସୁରକ୍ଷା ଉପ୍‌ରେ ସଚେତନ୍ କରେଇଥିଲେ । ଇ ଅବ୍‌ସରେ 'ବାଲ୍ୟବିବାହ କୁ ନାଁ' ଶୀର୍ଷକ୍‌ଥି ଗୁଟେ ସଚେତନ୍‌ଧର୍ମୀ କ୍ଷୁଦ୍ର ନାଟକ୍ ପରିବେଷିତ ହେଇଥିଲା ।

ସଚେତନତା କାର୍ଯ୍ୟକ୍ରମ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍‌ଫୁ ଭ୍ରୁଣ ଲିଙ୍ଗ ନିରୂପଣ, କନ୍ୟାଭ୍ରୁଣ ହତ୍ୟା ନିରୋଧୀ ଆର୍ ବେଟି ବଚାଓ ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟନୁ ଗୁଟେ ସଚେତନତା ରେଲି ବାହାରିଥିଲା । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଇତାର୍ ଶୁଭାରମ୍ଭ କରିଥିଲେ ।

ଶିକ୍ଷା ବିକାଶ୍ -୨୦୨୫        କଳାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଶିକ୍ଷା ବିକାଶ୍ -୨୦୨୫ ହେଇଯାଇଛେ । ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଯୋଗ୍ ଦେଇକରି ଜାତୀୟ ଶିକ୍ଷାନୀତିର୍ ଭିନ୍ ଭିନ୍ ନୀତି ମାନ୍‌କୁ କାର୍ଯ୍ୟକାରୀ କର୍‌ବାର୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପଶ୍ଚିମାଝଡ୍ ପ୍ରଭାବ୍ କମିଯାଇଥିଲା ବେଲ୍‌କେ ଶୁକ୍ରବାର୍‌ତକ୍ ପାଣିପାଗକେ ନେଇକରି କେନ୍‌ସି ସତର୍କ ସୂଚ୍‌ନା ନାଇଁନ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଇ ହପ୍ତାର୍ ଶେଷ୍ ବେଲ୍‌କେ ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ଆଉ କଲାହାଣ୍ଡି ଜିଲ୍ଲା ନ ତାପମାତ୍ରା ବଢ଼୍‌ବା । ଇ ସମିଆଥି ରାଜ୍ୟର୍ ଭିନ୍ ଭିନ୍ ଠାନେ ତାତି ୨ ନୁ ୬ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ କେନ୍ଦ୍ର ଅନୁମାନ୍ କରିଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ୩୮ ଡିଗ୍ରୀ ସେଲ୍‌ସିଅସ୍ ବୌଦ୍ଧ ନ ରେକର୍ଡ଼୍ କରାଯାଇଛେ ।